# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29 May – 2025**

# କୃଷି ସଂକଳ୍ପ ଅଭିଯାନ

କେନ୍ଦ୍ର ସରକାରଙ୍କର ବିକଶିତ କୃଷି ସଂକଳ୍ପ ଅଭିଯାନ ଆଜିଠାରୁ ଆରମ୍ଭ ହେବ। କେନ୍ଦ୍ର ସରକାରଙ୍କର ଯୁଗାନ୍ତକାରୀ କୃଷି ପଦକ୍ଷେପକୁ ତୃଣମୂଳସ୍ତରରେ ପହଞ୍ଚାଇବା ଏବଂ କୃଷି କ୍ଷେତ୍ରରେ ନବସୃଜନ ସୃଷ୍ଟି ଲକ୍ଷ୍ୟରେ ସଂକଳ୍ପ ଅଭିଯାନର ଆୟୋଜନ କରାଯାଉଛି। ଆସନ୍ତା ଜୁନ୍ ମାସ ୧୨ ତାରିଖ ପର୍ଯ୍ୟନ୍ତ କୃଷି ସଂକଳ୍ପଯାତ୍ରା ସଂପର୍କିତ କାର୍ଯ୍ୟକ୍ରମ ଦେଶର ବିଭିନ୍ନ ସ୍ଥାନରେ ଚାଲିବ। ବିକଶିତ କୃଷି ସଂକଳ୍ପ ଅଭିଯାନକୁ ଆନୁଷ୍ଠାନିକ ଭାବେ ପୁରୀ ଜିଲ୍ଲାରୁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ଆରମ୍ଭ ହେବ। ଜିଲ୍ଲାର ସାକ୍ଷୀଗୋପାଳ ନିକଟସ୍ଥ ବୀରଗୋବିନ୍ଦପୁର କୃଷି ବିଜ୍ଞାନ କେନ୍ଦ୍ରରେ ଏହି ଅଭିଯାନର ଶୁଭାରମ୍ଭ ହେବ। ଏହି ସମୟରେ କୃଷିରଥର ମଧ୍ୟ ଶୁଭାରମ୍ଭ କରାଯିବ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିବେ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ ଓଡ଼ିଶା ଗସ୍ତ ସମୟରେ ଭୁବନେଶ୍ୱର ନିକଟସ୍ଥ ସିଫାର ଏକ କାର୍ଯ୍ୟକ୍ରମରେ ଯୋଗଦେବା ସହ ଓୟୁଏଟି ଏବଂ କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## କ୍ୟାବିନେଟ୍

ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରରେ ବୟସସୀମା ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପୂର୍ବରୁ ସରକାରୀ ଚାକିରି ପାଇଁ ବୟସସୀମା ୩୨ ବର୍ଷ ଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ  କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବ ସହିତ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି,

**V/O**

## ଲକ୍ଷପତି ଦିଦି ସମ୍ମିଳନୀ

ଦେଶର ମହିଳା ସ୍ୱୟଂ ସହାୟକ ଗୋଷ୍ଠିଗୁଡ଼ିକର ସଫଳତାକୁ ସମର୍ଥନ ଓ ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଲକ୍ଷପତି ଦିଦି ସମ୍ମିଳନୀ ଅନୁଷ୍ଠିତ ହେବ। ମିଶନଶକ୍ତି ବିଭାଗ ପକ୍ଷରୁ ଆୟୋଜିତ  ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । ବାର୍ଷିକ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିଥିବା ଲକ୍ଷପତି ଦିଦି ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ସରକାର ୩ କୋଟି ଲକ୍ଷପତି ଦିଦିଙ୍କୁ ସଶକ୍ତ କରିବା ସହିତ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହନ ଦେବାରେ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି ବୋଲି  ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ସମ୍ମିଳନୀରେ ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦିଙ୍କ ସମେତ ଜାତିସଂଘ ପ୍ରତିଷ୍ଠାନ, ବିଭିନ୍ନ ରାଜ୍ୟ ଜୀବିକା ମିଶନର ଅଧିକାରୀମାନେ ଅଂଶ ଗ୍ରହଣ କରିବେ ।

# ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନ

ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ରୁପାରୋଷନ ସାହୁ ଗତକାଲି ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ରାଜସ୍ୱ ଓ ପଞ୍ଚାୟତିରାଜ ବିଭାଗର କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଛନ୍ତି । ଭଞ୍ଜନଗର ତହସିଲରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ଦ୍ୱିତୀୟ ଖାନ୍ ସଂଶୋଧନ, ବସୁନ୍ଧରା ଯୋଜନା, ନୂତନ ରାଜସ୍ୱ ଗ୍ରାମ ଗଠନ, ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଜମିପଟା  ଦିଆଯିବାର ସମୀକ୍ଷା କରିଥିଲେ ।

# ସମୀକ୍ଷା

ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଗତକାଲି ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଯାଇ ସେଠାରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ସରକାରଙ୍କର ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି ।  ସୂଚନା ଅନୁସାରେ, ୨୦୨୪-୨୫ ଖରିଫ୍ ବର୍ଷରେ ଚାଷୀଙ୍କୁ ଋଣ ପ୍ରଦାନରେ ପ୍ରାୟ ଅନେଶ୍ୱତ ପ୍ରତିଶତ ଏବଂ ରବିଚାଷରେ ୯୭ ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇପାରିଥିବା ଜଣାପଡ଼ିଛି ।

# ଶୀତଳ ଷଷ୍ଠୀ

ସମ୍ବଲପୁରରେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରାର ପ୍ରାରମ୍ଭରେ   ଗତକାଲି ରାତିରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱରବାବାଙ୍କ ଗୁଆଗୁଣ୍ଡା ବା ଦେବ ନିମନ୍ତ୍ରଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଦେବଦେବ ମହାଦେବଙ୍କ ବିବାହ ପାଇଁ ବିମାନରେ ବିଜେ କରି ନୃସିଂହ ମହାପ୍ରଭୁ ପଟୁଆରରେ ଯାଇ ପଇତା, ଗାମୁଛା, ଗୁଆ, ହଳଦୀ, ମିଠା ଦେଇ ସହରର ବିଭିନ୍ନ ଦେବଦେବୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଏହି କ୍ରମରେ ସହରର ଝାଡୁଆପଡ଼ା, ମୁଦିପଡ଼ା ଓ ବଡ଼ବଜାର ସମେତ ବିଭିନ୍ନ ପଡ଼ାର ଶୀତଳଷଷ୍ଠୀ ଯାତ୍ରାକମିଟି ମାନଙ୍କର ପତରପେଣ୍ଡି ବା ନିର୍ବନ୍ଧ କାର୍ଯ୍ୟ ଆଜି ସଂପନ୍ନ ହେବ ।

ଶନିବାର ରାତିରେ ଦେବବିବାହ ଓ ରବିବାର ଦିନ ଯୁଗଳ ଦର୍ଶନ ଶୋଭାଯାତ୍ରା ଏବଂ ନଗର ପରିକ୍ରମା ସହିତ ସୋମବାର ଅପରାହ୍ନରେ ମହାଦେବ ଓ ମା’ ପାର୍ବତୀ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## +୨ ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା ପାଇଁ ଆବେଦନ ଗତକାଲିଠାରୁ ଆରମ୍ଭ ହୋଇଛି । ଆସନ୍ତା ଜୁନ୍ ମାସ ୨୫ ଓ ୨୬ ତାରିଖରେ ଯୁକ୍ତ ଦୁଇ ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା ଅନୁଷ୍ଠିତ ହେବ ଏବଂ ଜୁଲାଇ ମାସ ୧୫ ତାରିଖ ସୁଦ୍ଧା ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା ଫଳ ପ୍ରକାଶ ପାଇବ । ଅନ୍ୟପକ୍ଷରେ ଆସନ୍ତାକାଲିଠାରୁ ଯୁକ୍ତ ଦୁଇ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନଙ୍କର ଉତ୍ତର ଖାତାର ପୁନଃ ଯାଞ୍ଚ ଆରମ୍ଭ ହେବ । ଉତ୍ତରଖାତା ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିଥିବା ଛାତ୍ରଛାତ୍ରୀଙ୍କୁ ଆସନ୍ତାମାସ ୫ ତାରିଖରୁ ଉତ୍ତରଖାତା ଦେବା ଆରମ୍ଭ ହେବ । ଉତ୍ତର ଖାତାର ପୁନଃ ମୂଲ୍ୟାୟନ ଫଳ ଜୁଲାଇ ମାସ ୧୫ ତାରିଖ ସୁଦ୍ଧା ଦିଆଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

## ପାଣିପାଗ

ଦକ୍ଷିଣପଶ୍ଚିମ ମୌସୁମୀବାୟୁ ନିର୍ଦ୍ଧାରିତ ସମୟର ୧୫ ଦିନ ପୂର୍ବରୁ ଓଡ଼ିଶା ଉପକୂଳ ଛୁଇଁଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର କୋରାପୁଟ ଓ ମାଲକାନଗିରିକୁ ସଂପୂର୍ଣ୍ଣ ରୂପେ ମୌସୁମୀ ଛୁଇଁଥିବା ବେଳେ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଏବଂ ଗଜପତି ଜିଲ୍ଲାର କିଛି ଅଂଚଳକୁ ମୌସୁମୀବାୟୁ ଅଗ୍ରସର ହୋଇଛି ।